# Akashvani, Sambalpur

## SAMBALPURI NEWS EVENING BULLETIN

## 12 March 2025- 7.02 pm- 7.12 pm.

**********************************************

୧- ଓଡ଼ିଶା ଗସ୍ତଥି ଆଏବା ୨୪ ତାରିଖ୍ ଆସୁଛନ୍ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

୨- ରାସନ୍‌କାର୍ଡ଼ଧାରୀଙ୍କୁ ଆଘର୍‌ବାଗିର୍ ଚାଉଲ୍ ସାଙ୍ଗେ ଦିଆଯିବା ଗହମ୍ -କହେଲେ ଖାଦ୍ୟ ଯୋଗାଣ ମନ୍ତ୍ରୀ ।

୩- କଲା ମୋତିଆବିନ୍ଦୁ - ଗ୍ଲାକୋମା କେ ରୁକ୍‌ବାର୍ ଲାଗି ପାଲିତ୍ ହେଉଛେ ଗ୍ଲୁକୋମା ଦିବସ୍ ।

ଆଉର୍

୪- ଆଏବା କାଏଲ୍‌ଠାନୁ ପଶ୍ଚିମ ଓଡ଼ିଶାର୍ ସବୁ ଜିଲ୍ଲା ନ ବଢ଼୍‌ବା ତାତି ।

- ରାଜ୍ୟର୍ ସବୁନୁ ଜହ ତାତି ଆଏଜ୍ ବୌଦ୍ଧ ନ ୪୦ ଦଶ୍‌ମିକ୍ ୫ ଡିଗ୍ରୀ ସେଲ୍‌ସିଅସ୍ ।

ରାଷ୍ଟ୍ରପତି- ଓଡ଼ିଶା		ନୟାଗଡ଼୍ ସମ୍ବାଦଦାତା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏବା ୨୪ ତାରିଖ୍ ଓଡ଼ିଶା ଗସ୍ତଥି ଆସୁଛନ୍ । ଇ ଅବ୍‌ସରେ ରାଷ୍ଟ୍ରପତି ଜଗନ୍ନାଥଙ୍କର୍ ଆଦିପୀଠ ନୟାଗଡ଼୍ ଜିଲ୍ଲା କଂଟିଲୋ ନୀଳମାଧବ କ୍ଷେତ୍ର ପରିଦର୍ଶନ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ରାଷ୍ଟ୍ରପତିଙ୍କର୍ କଂଟିଲୋ ଗସ୍ତ ସୂଚ୍‌ନା ପାଏବାର୍ ଉତ୍‌ରୁ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଜୋର୍‌ଦାର୍ ପ୍ରସ୍ତୁତି ମୁଲ୍ ହେଇଯାଇଛେ । ନୟାଗଡ଼୍ ଜିଲ୍ଲାପାଲ୍ ଅକ୍ଷୟ ସୁନୀଲ୍ ଅଗ୍ରୱାଲ୍‌ଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲା ଆରକ୍ଷୀ ଅଧିକ୍ଷକ୍ ଏସ୍. ସୁଶ୍ରୀଙ୍କର୍ ସହେତେ ପ୍ରଶାସନ୍‌ର ଭିନ୍ ଭିନ୍ ଅଧିକାରୀମାନେ କଂଟିଲୋକେ ଯାଇକରି ଥିତି ସମୀକ୍ଷା କରିଛନ୍ ।

ବିଧାନ୍‌ସଭା		ଆର୍‌ଏନ୍‌ୟୁ/ କଟକ୍

ବିଧାନ୍‌ସଭାର୍ ବଜେଟ୍ ଅଧିବେଶନ୍‌ର ୨ ନମ୍ବର୍ ଖେପ୍‌ର ୪ ନମ୍ବର୍ ଦିନେ ଆଏଜ୍ ଗୃହକାର୍ଯ୍ୟ ମୁଲ୍ ହଉନ୍‌ସାର୍ କଂଗ୍ରେସ୍ ସଦସ୍ୟମାନେ ହୋହଲ୍ଲା କରିଥିଲେ । ପ୍ଲାକାର୍ଡ଼ ଧରିକରି ପାଟିଥି କଲା କପ୍‌ଡ଼ା ବାନ୍ଧିକରି କଂଗ୍ରେସ୍ ସଦସ୍ୟମାନେ ଗୃହ ମଝିକେ ଆସିକରି ସ୍ଲୋଗାନ୍ ଦେଇଥିଲେ  ତାର୍ ଉତ୍‌ରୁ କକ୍ଷତ୍ୟାଗ

କରିଥିଲେ । ବିରୋଧୀ ଦଳର୍ ହୋହଲ୍ଲା ଭିତ୍‌ରେ ବାଚସ୍ପତି ସୁରମା ପାଢ଼ୀ ଗୃହର୍ ପ୍ରଶ୍ନୋତର୍ କାର୍ଯ୍ୟକ୍ରମ୍‌କେ ଜାରି ରଖିଥିଲେ ।

ରାଏଜେ ଆଘର୍‌ବାଗିର୍ ରାସନ୍‌କାର୍ଡ଼୍‌ଧାରୀମାନ୍‌କୁ ଚାଉଲ୍ ସଙ୍ଗେ ଗହମ୍ ଭିଲ୍ ଯୁଗେଇ ଦିଆଯିବା ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍‌ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ବିଧାନ୍‌ସଭା ନ ଆଏଜ୍ କଂଗ୍ରେସ୍ ବିଧାୟକ୍ ଦଳର୍ ନେତା ରାମଚନ୍ଦ୍ର କାଡ଼ାମ୍‌ଙ୍କର୍ ଗୁଟେ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍, ରାଜ୍ୟ ସର୍‌କାର୍ ଗହମ୍ ଉଠାବାର୍ ଲାଗି ସବୁ ଜିଲ୍ଲା ନ ଆବଶ୍ୟକ୍ ବ୍ୟବସ୍ଥା କରୁଛନ୍ । ଇ ବାବ୍‌ଦେ କେନ୍ଦ୍ର ସର୍‌କାର୍‌ଙ୍କୁ ଜନାବାର୍ ଉତ୍‌ରୁ ରାଏଜେ ଗହମ୍ ଯୋଗାଣ ବ୍ୟବସ୍ଥା କରାଯିବା । କେନ୍ଦ୍ର ସର୍‌କାର୍ ଗଲା ମାସ ଅକ୍ଟୋବର୍ ମାସ୍‌ନୁ ଖାଉଟିମାନ୍‌କୁ ଚାଉଲ୍ ଆର୍ ଗହମ୍ ଦେବାର୍ ଲାଗି ଆବଂଟନ୍ ପତ୍ର ଜାରି କରିଥିଲେ । ଭାରତୀୟ ଖାଦ୍ୟ ନିଗମ୍‌ନୁ ଗହମ୍ ଉଠାବାର୍ ଲାଗି ଆବଶ୍ୟକ୍ ପରିବହନ୍ ବ୍ୟବସ୍ଥା ଥିର୍ ନାଇଁ ହେବାର୍‌ନୁ ବଂଟନ୍ ପ୍ରକ୍ରିୟା ସ୍ଥଗିତ୍ ରହିଥିଲା ବଲି ଶ୍ରୀ ପାତ୍ର କହିଛନ୍ ।

ରାଏଜେ କୃଷି ବିଭାଗ୍ ତର୍‌ଫୁ ୨୦୨୫ ମସିହା ଜାନୁଆରୀ ୩୧ ତାରିଖ୍‌ତକ୍ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର୍ ଜରିଏ ମୋଟ୍ ୯ ଲାଖ୍ ୮୫ ହଜାର୍ ୫ ଶହ ୨୮ ଝନ୍‌କୁ କୃଷକ୍ ପରିଚୟ ପତ୍ର ଦିଆଯାଇପାରିଛେ ବଲି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ବିଧାନ୍‌ସଭା ନ ସୂଚ୍‌ନା ଦେଇଛନ୍ । ବିଧାୟକ୍ ପଦ୍ମଲୋଚନ୍

ପଣ୍ଡାଙ୍କର୍ ଇ ବାବଦ୍ ପ୍ରଶ୍ନର୍ ଉତର୍ ଦେଇକରି ଶ୍ରୀ ସିଂହଦେଓ କହିଛନ୍, ୨୦୨୦ ମସିହା ଜାନୁଆରୀ ପହେଲାନୁ ୨୦୨୫ ଜାନୁଆରୀ ୩୧ ତାରିଖ୍‌ତକ୍ ୩୦ ଟା ଜିଲ୍ଲା ନ କୃଷକ୍ ପରିଚୟ ପତ୍ର ତିଆର୍ କରାଯାଇଛେ ।

ବିଦେଶୀ ପକ୍ଷୀ-ପରିବେଶ୍ ମନ୍ତ୍ରୀ ଆର୍‌ଏନ୍‌ୟୁ/ କଟକ୍

ଇ ବଛର୍ ଶୀତ୍ ବେଲ୍‌କେ ରାଜ୍ୟର୍ ଆଗ୍‌ଧାଡ଼ିର୍ ଜଲାଶୟ ମାନ୍‌କେ ପାଖାପାଖି ୨୦ ଲାଖ୍ ୮୫ ହଜାର୍ ବିଦେଶୀ ପକ୍ଷୀ ଆସିଥିଲେ ବଲି ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ କହିଛନ୍ । ବିଧାନ୍‌ସଭା ନ ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ମନ୍ତ୍ରୀ ଶ୍ରୀ ଖୁଂଟିଆ ଇ ବଛର୍ ବିଦେଶୀ ପକ୍ଷୀ ଆସ୍‌ବାର୍‌ଟା ସନ୍ତୋଷ୍‌ଜନକ୍ ଥିଲା ବଲି କହିଛନ୍ ।

ଶୂନ୍ୟ ଦୁର୍ଘଟଣା ଦିବସ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ସଡ଼କ୍ ସୁରକ୍ଷା ଆଉ ଆଚରଣ୍‌ଥି ପରିବର୍ତନ୍ ଆନ୍‌ବାର୍ ଲାଗି ଓଡ଼ିଶା ସର୍‌କାର୍ ଖୋବ୍ ଜଲ୍‌ଦି ରାଏଜେ ୩୦ ଦିନିଆ ଶୂନ୍ୟ ଦୁର୍ଘଟଣା ଦିବସ୍ ମୁଲ୍ କର୍‌ବାର୍‌କେ ଯାଉଛନ୍ ।

ଭୁବ୍‌ନେଶ୍ୱର୍ ଖାରବେଳ ଭବନ୍ ଠାନେ ଆଏଜ୍ ବାଣିଜ୍ୟ ପରିବହନ୍, ଗୃହ ନିର୍ମାଣ୍ ଆର୍ ନଗର୍ ଉନ୍ନୟନ୍ ବିଭାଗ୍‌ର ପ୍ରମୁଖ ଶାସନ୍ ସଚିବ ଉଷା ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଗୁଟେ ବୈଠକ୍‌ନୁ ଇ ନିଷ୍ପତି ନିଆଯାଇଛେ । ସର୍‌କାର୍‌ଙ୍କର୍ ଇ ଅଭିଯାନ୍‌ର ସୁପରିଚାଲନା ଲାଗି ଆଇଆଇଟି ମାଡ୍ରାସ୍‌ର ବିଶେଷଜ୍ଞ ଦଲ୍ ରଣନୀତି ଉପସ୍ଥାପନ୍ କରିଥିଲେ । ଶୂନ୍ୟ ସଡ଼କ୍ ଦୁର୍ଘଟଣା ଦିବସ୍‌ର ନେତୃତ୍ୱ ମହିଲାମାନେ ନେଇକରି ସଡ଼କ୍ ସୁରକ୍ଷାର୍ ମୁଖିଆ ବାହାକ ସାଜ୍‌ବେ ବଲି ଇ ଅବ୍‌ସରେ ଶ୍ରୀମତୀ ପାଢ଼ୀ କହିଛନ୍ ।

ମୁଖ୍ୟ ପ୍ରଶାସକ-ଏଏସ୍‌ଆଇ ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ ଆଏଜ୍ ନୂଆଦିଲ୍ଲୀ ଠାନେ ଭାରତୀୟ ପ୍ରତ୍ନତତ୍ୱ ସର୍ବେକ୍ଷଣ୍ ସଂସ୍ଥାନ୍-ଏଏସ୍‌ଆଇର ମହାନିର୍ଦ୍ଦେଶକ୍ ଡକ୍ଟର୍ ଯଦୁବୀର୍ ସିଂ ରାଓ୍ୱତ୍‌ଙ୍କୁ ଭେଟିକରି ରତ୍ନଭଣ୍ଡାର୍ କାମ୍‌ର ଅଗ୍ରଗତି ବାବ୍‌ଦେ ଆଲୋଚନା କରିଛନ୍ । ରତ୍ନଭଣ୍ଡାର୍ ସଂରକ୍ଷଣ୍ କାମ୍‌ଠିକ୍ ସମିଆଥି ସାର୍‌ବାର୍‌କେ ନେଇକରି ଇ ଅବ୍‌ସରେ ମୁଖ୍ୟ ପ୍ରଶାସକ ଶ୍ରୀ ପାଢ଼ୀ ଜୋର୍ ଦେଇଛନ୍ । ସେନ୍ତା ଶ୍ରୀମନ୍ଦିର୍

ପାଖର୍ ମନ୍ଦିର୍ ମାନ୍‌କର୍ ମରାମତି, ନାଟମଣ୍ଡପ୍‌ନୁ ଏସି ବ୍ୟବସ୍ଥା, ଶ୍ରୀମନ୍ଦିର୍ ନ ଆଲୋକ ବ୍ୟବସ୍ଥା ଆର୍ ଭିନ୍ ଭିନ୍ ମରାମତି, ସୁନା, ରୂପା ଛାଉଣି କାମ୍ ବାବ୍‌ଦେ ଭିଲ୍ ଇ ଅବ୍‌ସରେ ଆଲୋଚନା ହେଇଥିଲା । ପୁରୀ ରଥ୍‌ଯାତ୍ରାକେ ୟୁନେସ୍କୋ ବିଶ୍ୱ ଐତିହ୍ୟ ତାଲିକାଥି ସାମିଲ୍ କର୍‌ବାର୍‌କେ ଭିଲ୍ ଶ୍ରୀ ପାଢ଼ୀ ଆଲୋଚନା କରିଛନ୍ ।

ଦାଣ୍ଡି ମାର୍ଚ          ଆର୍‌ଏନ୍‌ୟୁ/ ସମ୍ବଲପୁର

ମହାତ୍ମାଗାନ୍ଧୀଙ୍କର୍ ନେତୃତ୍ୱଥି ୧୯୩୦ ମସିହା ମାର୍ଚ୍ଚ ୧୨ ତାରିଖ୍ ବ୍ରିଟିଶ୍ ସର୍‌କାର୍‌ଙ୍କର୍ ଲବଣ ଆଇନ୍ ବିରୋଧ୍‌ଥି ଦାଣ୍ଡି ଯାତ୍ରା ମୁଲ୍ ହେଇଥିଲା । ଭାରତୀୟ ସ୍ୱାଧୀନତା ସଂଗ୍ରାମ୍‌ର ଶେଷ୍ ଖେପ୍ କୁହାଯାଉଥିବା ଦାଣ୍ଡି ମାର୍ଚଥି ଭାଗ୍ ନେଇଥିବା ସବୁ ସତ୍ୟାଗ୍ରହୀମାନ୍‌କୁ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ସାମାଜିକ୍ ଗଣମାଧ୍ୟମ୍ ଜରିଏ କହିଛନ୍, ମହତ୍ମାଗାନ୍ଧୀଙ୍କର୍ ଦାଣ୍ଡିଯାତ୍ରା ଆତ୍ମନିର୍ଭର୍ ଆଉ ସ୍ୱାଧୀନତା ଲାଗି ସାରା ଦେଶେ ଆନ୍ଦୋଲନ୍‌କେ ଆହୁରି ଜବର୍ କରିଥିଲା । ସତ୍ୟଗ୍ରହଥି ଭାଗ୍ ନେଇଥିବା ସମ୍‌କର୍ ସାହାସ୍, ବଳିଦାନ୍ ଆର୍ ସତ୍ୟ ଆଉ

ଅହିଂସା ଉପ୍‌ରେ ପ୍ରତିବଦ୍ଧତା ପିଢ଼ି ପିଢ଼ିତକ୍ ତହଁକାବା ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଭିଲ୍ ଇ ଅବ୍‌ସରେ ସତ୍ୟାଗ୍ରହୀମାନ୍‌କୁ ଶ୍ରଦ୍ଧାଞ୍ଜଲି ଜନେଇକରି ଦାଣ୍ଡି ଯାତ୍ରାକେ ଆତ୍ମନିର୍ଭରଶୀଳ ଆର୍ ସ୍ୱରାଜ୍ ଲାଗି ଗୁଟେ ବର୍‌କସ୍ ଆହ୍ୱାନ୍ ଥିଲା ବଲି କହିଛନ୍ ।

ଗ୍ଲୁକୋମା ଦିବସ ଆର୍‌ଏନ୍‌ୟୁ/ କଟକ୍

କଲା ମୋତିଆବିନ୍ଦୁ କି ଗ୍ଲୁକୋମା ରୋଗଥି ଆଏଜ୍ ଦେଶେ ବହୁତ୍ ଲୋକ୍ ଦୃଷ୍ଟି ଶକ୍ତି ହରଉଛନ୍ । କଲା ମୋତିଆବିନ୍ଦୁ ନିୟନ୍ତ୍ରଣ୍ ଆର୍ ପ୍ରତିରୋଧ୍ ଉପ୍‌ରେ ସଚେତନ୍ କର୍‌ବାର୍ ଲାଗି ଆଏଜ୍ ସାରା ପୁର୍‌ଥି ନ ଗ୍ଲୁକୋମା ଦିବସ୍ ପାଲନ୍ କରାଯାଉଛେ । ରାଜ୍ୟ ସର୍‌କାର୍ ମାର୍ଚ୍ଚ ମାସର୍ ୯ ତାରିଖ୍‌ନୁ ୧୫ ତାରିଖ୍‌ତକ୍ ଫିʼ ବଛର୍ ଗ୍ଲୁକୋମା ହପ୍ତା ପାଲନ୍ କରୁଛନ୍ । ସଚେତନତା ଆର୍ ଉଚିତ୍ ଚିକିତ୍ସା ଜରିଏ କଲା ମୋତିଆ ବିନ୍ଦୁ ରୋଗର୍ ନିୟନ୍ତ୍ରଣ୍ କରାଯାଇପାର୍‌ବା ବଲି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍ ତର୍‌ଫୁ କୁହାଯାଇଛେ । ଗ୍ଲୁକୋମା ମୁକ୍ତ ପୁର୍‌ଥିର୍ ଲାଗି ସଭେ ଏକ୍ ହେବାର୍‌କେ ଇ ଅବ୍‌ସରେ ଆହ୍ୱାନ୍ ଦିଆଯାଇଛେ ।

ଜାତୀୟ ଧୂମପାନ ବର୍ଜନ୍ ଦିବସ ଆର୍‌ଏନ୍‌ୟୁ/

ଧୂମପାନ କ୍ଷତିକାରକ୍ ପ୍ରଭାବ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଫି' ବଛର୍ ମାର୍ଚ୍ଚ ମାସର୍ ୨ ନମ୍ବର୍ ବୁଧବାର୍‌କେ ଜାତୀୟ ଧୁମପାନ ବର୍ଜନ୍ ଦିବସ୍ ଭାବେ ପାଲନ୍ କରାଯାଏସି । ଧୂମପାନ ଛାଡ଼ିକରି ଲୁକେ କେନ୍ତାକରି ସୁସ୍ଥ ସମାଜ୍ ଗଠନ୍ ଦିଗେ ସହାୟକ୍ ହେଇପାର୍‌ବେ ସେଟା ଇ ଦିବସ୍ ପାଲନ୍‌ର ମୂଲ୍ ଲକ୍ଷ୍ୟ ଆଏ । ଇ ବଛର୍ ଜାତୀୟ ଧୂମପାନ ବର୍ଜନ୍ ଦିବସ୍‌ର ବାର୍ତା ହେଉଛେ 'ଧୁମପାନକେ ନାଇଁ, ଜୀବନ୍‌କେ ହଁ କହ' ।

ତଥ୍ୟ ଅନ୍‌ସାରେ ଝନେ ଲୋକ୍ ଗୁଟେ ସିଗ୍‌ରେଟ୍ ପିଇଲେ ତାର୍ ଜୀବନ୍‌ର ୧୧ ମିନିଟ୍ ହରାସି । ମୋଟ୍ ହୃଦ୍‌ରୋଗନୁ ୨୦ ପ୍ରତିଶତ୍ ଧୁମପାନ ଲାଗି ହେସି ।

କୃଷି ଯନ୍ତ୍ରପାତି ମେଳା ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲା ନ କୋଶଲ୍ କଲାମଣ୍ଡଲ୍ ପଡ଼ିଆଠାନେ ଆଏବା ୧୫ ତାରିଖ୍‌ଠାନୁ ଜୋନ୍‌ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଆୟୋଜନ୍ କରାଯିବା । ଇ ମେଳାଥି ଯୋଗ୍ ଦେବାର୍‌କେ ଚାଷୀମାନ୍‌କୁ ସଚେତନ୍ କର୍‌ବାର୍ ଲାଗି ଆଏଜ୍ ଗୁଟେ

ସଚେତନ୍‌ତା ରଥକେ ଅତିରିକ୍ତ ଜିଲ୍ଲାପାଲ୍ ପବିତ୍ର ମୋହନ୍ ବେହେରା ଶୁଭାରମ୍ଭ କରିଛନ୍ । ମେଳାଥି ବଲାଙ୍ଗିର୍ ସହେତେ ୯ ଟା ଜିଲ୍ଲାର୍ ଚାଷୀମାନେ ଯୋଗ୍ ଦେବେ ବଲି ଜନାପଡ଼ିଛେ ।

ବାଲି ଚୋରାଚାଲାଣ୍ ନୂଆପଡ଼ା ସମ୍ବାଦଦାତା

ନଦୀର୍ ବାଏଲ୍ ଆଉ ଭିନ୍ ଭିନ୍ ଖଣିଜ୍ ଦରବ୍‌ର ଚୋରା ଚାଲାନ୍ ଚାଲିଥିଲା ବେଲ୍‌କେ ନୂଆପଡ଼ା ଜିଲ୍ଲା ପୁଲିସ ଚଢ଼ଉ କରି କରି ଆଏଜ୍ ୪ଟା ଗାଡ଼ି ଜବତ୍ କରିଛେ । ଚୋରା ଚାଲାନ୍ ଅଭିଯୋଗ୍‌ଥି ପୁଲିସ ୪ଟା ମାମଲା ଦାଏର କର୍‌ବାର୍ ସହେତେ ଗାଡ଼ିମାନଙ୍କର୍‌ଠାନୁ ୧୦ ଲାଖ୍ ୨୭ ହଜାର ୭ ଶହ ୬୪ଟଙ୍କା ଜରିମାନା ଆଦାୟ କରିଛେ । ଆଗ୍‌କେ ଇନ୍ତା ବେଆଇନ୍ କାମ୍ ରୁକ୍‌ବାର୍‌କେ ଆହୁରି କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବା ବଲି ଜିଲ୍ଲା ପୁଲିସ ତର୍‌ଫୁ କୁହାଯାଇଛେ ।

ଜଳଛାୟା ଯାତ୍ରା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବ୍ଲକ ଶର୍‌ଧାପୁର୍ ଗାଁ ନ ପ୍ରଧାନ୍‌ମନ୍ତ୍ରୀ କୃଷି ସିଂଚାଇ ଯୋଜ୍‌ନା ଅଧୀନ୍‌ଥି ଜିଲ୍ଲା ଜଳ ବିଭାଜିକା ତର୍‌ଫୁ ଜଳଛାୟା ଯାତ୍ରା -୨୦୨୫ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଳ୍ ମଧୁସୂଦନ୍ ଦାସଙ୍କର୍ ଅଧ୍ୟକ୍ଷତାଥି ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ୍, ଜିଲ୍ଲା ପରିଷଦ୍ ଉପାଧ୍ୟକ୍ଷ ଆର୍ ଭିନ୍ ଭିନ୍ ଅଧିକାରୀମାନେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ଜିଲ୍ଲାପାଳ୍ ଜଳ ଆଉ ଜମିର୍ ସୁରକ୍ଷାର୍ ଲାଗି ଆହ୍ୱାନ୍ ଦେଇଥିଲେ ।

ପ୍ରକୃତି ମିତ୍ର ଆଉ ପ୍ରକୃତି ବନ୍ଧୁ ପୁରସ୍କାର ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାନୁ ପ୍ରକୃତି ମିତ୍ର ପୁରସ୍କାର୍ ପାଏବାର୍ ଲାଗି ବୌଦ୍ଧ ବ୍ଲକ୍ ତେଲିବନ୍ଧ ନୋଡ଼ାଲ୍ ଉଚ୍ଚବିଦ୍ୟାଳୟ, କଂଟାମାଲ୍ ବ୍ଲକ୍‌ନୁ ବାଲ୍‌ରକ୍ଷା ଭାରତ୍ ଆର୍ ଆଉ ହର୍‌ଭଙ୍ଗା ବ୍ଲକ୍‌ନୁ ଝାଡ଼ରଜିଙ୍ଗ୍ ଆଶ୍ରମ୍ ସ୍କୁଲ୍ ମନୋନୀତ୍ ହେଇଛନ୍ । ସେନ୍ତା ପ୍ରକୃତି ବନ୍ଧୁ ପୁରସ୍କାର୍ ଲାଗି ଭିନ୍ ଭିନ୍ ଇଲାକାର୍ ବ୍ୟକ୍ତିବିଶେଷଙ୍କୁ ଭିଲ୍ ବଛାଯାଇଛେ ।

ପେକ୍ସ- ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଆର୍‌ଏମ୍‌ସି ସମ୍ମିଲନୀ କକ୍ଷ ଠାନେ ପେକ୍ସ ସଭାପତି ଆର୍ ପରିଚାଲନା କମିଟି ସଦସ୍ୟମାନ୍‌କର୍ ଦିନ୍‌କିଆ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାର୍ ସବୁ ପେକ୍ସର ସଭାପତି ଆର୍ ସଦସ୍ୟମାନେ ସମିତି ପରିଚାଲନା ବାବ୍‌ଦେ ପ୍ରଶିକ୍ଷଣ୍ ନେଇଛନ୍ ।

ଦୁର୍ଘଟଣା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ବୋଡ଼େନ୍ ବ୍ଲକ୍ ସୁନାପୁର ବିଜୁ ଏକ୍ସପ୍ରେସ୍ ୱେଠାନେ ଗୁଟେ ଡିଜେ ଗାଡ଼ି ଉଲ୍‌ଟି ପଡ଼୍‌ବାର୍‌ନୁ ୨୦ ଝନ୍ ଖଣିଆ ଖାବ୍‌ରା ହେଇଛନ୍ । ସେଥିର୍ ଭିତ୍‌ରୁ ୫ ଝନ୍‌ଙ୍କର ଅବସ୍ଥା ଗୁରୁତର୍ ରହିଛେ । ସମ୍‌କୁ ନୂଆପଡ଼ା ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ନ ଭର୍ତି କରାଯାଇଛେ । ଡିଜେ ଗାଡ଼ି ଗୁଟେ ବିହାଥି ଯୋଗ୍‌ଦେବାର୍‌କେ ତରବୋଡ଼ ଗାଁକେ ଯାଉଥିଲା ବେଲ୍‌କେ ରାସ୍ତା ନ ସୁନାପୁରଠାନେ ଉଲ୍‌ଟି ପଡ଼ିଥିଲା ।

ଜୁନିଅର୍ ରେଡ଼କ୍ରସ୍ କାଉନ୍‌ସିଲ-ତାଲିମ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ମାଉଲସିଙ୍ଗା ଜାନକୀ ଭିକାରୀ ଉଚ୍ଚବିଦ୍ୟାଲୟ ଠାନେ ଜୁନିଅର୍ ରେଡ଼କ୍ରସ୍ କାଉନ୍‌ସିଲର୍ ମାନ୍‌କର୍ ଦିନ୍‌କିଆ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍‌ସରେ ପ୍ରାଥମିକ ଚିକିତ୍ସା, ସଡ଼କ୍ ସୁରକ୍ଷା, ଅଂଶୁଘାତ୍ ସଚେତନତା, ଏଚ୍‌ଆଇଭି ଏଡ଼୍‌ସ୍ ଉପ୍‌ରେ ପ୍ରଶିକ୍ଷଣ୍ ଦିଆଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ବଢ଼ିଚାଲିଛେ ତାତି । ଆଏବା କାଏଲ୍‌ଠାନୁ ୧୬ ତାରିଖ୍‌ତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନୁ ଦିନର୍ ଆଉ ରାତିର୍ ତାପମାତ୍ରା ସ୍ୱାଭାବିକ୍ ଠାନୁ ୨ ନୁ ୩ ଡିଗ୍ରୀତକ୍ ବଢ଼୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ଇ ସମିଆଥି ପର୍ଶ୍ଚିମ ଆଉ କେନ୍ଦ୍ରୀୟ ଓଡ଼ିଶା ନ ତାପମାତ୍ରା ୪୦ ଡିଗ୍ରୀନୁ ଅଏତ୍‌କା ରହେବା । ବୌଦ୍ଧ, ସୁବର୍ଣ୍ଣପୁର୍, ବଲାଙ୍ଗିର୍, ବର୍‌ଗଡ଼୍, ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା, ସମ୍ବଲ୍‌ପୁର୍ ଆର୍ ଅନୁଗୁଲ୍ ଜିଲ୍ଲା ନ ତାପମାତ୍ରା ସବୁନୁ ବେଶୀ ରହେବା ବଲି ପାଣିପାଗ୍ କେନ୍ଦ୍ର କହିଛେ । ଇତାକେ ନଜର୍‌ଥି ରଖିକରି ଇ ଜିଲ୍ଲାମାନ୍‌କୁ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କର୍ କାର୍ଯ୍ୟାଲୟ ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ଆଏଜ୍ ବୌଦ୍ଧ ନ ସବୁନୁ ଜହ ତାତି ୪୦ ଦଶ୍ମିକ୍ ୫ ଡିଗ୍ରୀ ସେଲ୍ସିଅସ୍ ରେକର୍ଡ଼୍ କରାଯାଇଛେ । ସେନ୍ତା ବଲାଙ୍ଗିର୍ ନ ୩୯ ଦଶ୍ମିକ୍ ୯, ଟିଟିଲାଗଡ଼୍ ନ ୩୯ ଦଶ୍ମିକ୍ ୫, ଝାର୍ସୁଗୁଡ଼ା ନ ୩୯ ଦଶ୍ମିକ୍ ୪, ସମ୍ବଲ୍ପୁର୍ ନ ୩୯ ଦଶ୍ମିକ ୩, ସୋନ୍ପୁର୍ ନ ୩୮ ଦଶ୍ମିକ୍ ୯ ଡିଗ୍ରୀ ସେଲ୍ସିଅସ୍ ରେକର୍ଡ଼୍ କରାଯାଇଛେ ।